# ପିଲାଙ୍କ ଧରିତ୍ରୀ

ଶନିବାର, ୧ ଜାନୁୟାରୀ, ୨୦୨୨




୭ କବିତା
୮ ଆଇନା
୭ ଜଣା ଅଜଣା

# ଶପଥ



ଗପ

ହସଖୁସିରେ ଫାଟିପଡୁଛି ମଙ୍ଗରାଜପୁର ଗାଁ। ଚାରେଆଡ଼େ ଗୀତନାଚର ଆସର ଜମିଛି। ହାଡ଼ଭଙ୍ଗା ଜାଡ଼କୁ ଖାତିର ନ କରି ପିଲାମାନେ ଗାଧୁଆପାଧୁଆ ସାରି ଯିଏ ଯାହା କାମରେ ବାହାରି ପଡ଼ିଲେଣି। ନୂଆବର୍ଷକୁ ଧୁମଧାମରେ ପାଳିବେ ବୋଲି ସେମାନେ ଗୋଟିଏ ସପ୍ତାହ ଆଗରୁ ସଜବାଜ ହୋଇଛନ୍ତି। ଭୋଜିଭାତର ଲମ୍ବା ତାଲିକା ତିଆରି ହୋଇଛି । କିଏ ଆଇଁଷ ତ ଆଉ କିଏ ନିରାମିଷ। କି ମଜା ସତରେ! ବାଡ଼ିପଟ ବଗିଚାରେ ଇଟାମାଟିରେ ଚୁଲି ବି ହୋଇସାରିଛି। ବାପାମା’ଙ୍କୁ କହି ସେମାନେ ଆଗରୁ ଟଙ୍କା ବି ଆଦାୟ କରି ରଖିଛନ୍ତି।

ସେହି ଗାଆଁର ଦୁଇ ସାଙ୍ଗ ବାପିନ ଓ ଚଗଲା। ଗୋଟିଏ ସ୍କୁଲ ପୁଣି ଗୋଟିଏ ଶ୍ରେଣୀରେ ପାଠ ପଢ଼ନ୍ତି। ଖେଳାବୁଲା ସହ ପାଠପଢ଼ା ବି ଏକାସାଙ୍ଗରେ। କେହି କାହାକୁ ନ ଦେଖିଲେ ଘଡ଼ିଏ ରହିପାରନ୍ତି ନାହିଁ। ଛୋଟ ହେଲେ ବି ସେମାନଙ୍କ ବୁଦ୍ଧି ବହୁତ। ଠିକ୍ ସମୟରେ ଠିକ୍ କାମ କରିବା ସେମାନଙ୍କର ଗୋଟିଏ ଭଲ ଅଭ୍ୟାସ। ନିଜେ ସଫାସୁତୁରା ରହିବା ସହ ନିଜ ଗାଁକୁ ସଫାସୁତୁରା କରିବାପାଇଁ ସାଙ୍ଗସାଥୀଙ୍କୁ ମଧ୍ୟ ବୁଝାନ୍ତି। ପରିବେଶ ଭଲ ରହିଲେ ଗାଁରେ ରୋଗ ପଶିପାରିବ ନାହିଁ ବୋଲି ସେମାନେ ଲୋକମାନଙ୍କୁ କୁହନ୍ତି। ସମୟ ପାଇଲେ ସଫେଇ କାମରେ ବି ଲାଗିପଡ଼ନ୍ତି। ଦୁଇ ସାଙ୍ଗଙ୍କ କାମରେ ଗାଁ ଲୋକ ବି ଭାରି ଖୁସି ।

ଆଜି ନୂଆବର୍ଷ। ଜାନୁୟାରୀ ପହିଲା। ସ୍କୁଲ ଛୁଟି। ଦୁଇ ସାଙ୍ଗଙ୍କ ମନ ମଧ୍ୟ ବହୁତ ଖୁସି। ସେମାନେ ଅନ୍ୟ ସାଙ୍ଗମାନଙ୍କ ଭଳି ମଜାମଉଜରେ ସମୟ ନଷ୍ଟ କରିବାକୁ ଚାହାନ୍ତି ନାହିଁ। ଭୋଜିଭାତରେ ଟଙ୍କା ଖର୍ଚ୍ଚକରି ସମୟ ବରବାଦ କରିବା ଅପେକ୍ଷା ସେହି ସମୟ ଟିକକ ନିଜ ଗାଆଁ ପାଇଁ ଦେବାକୁ ସେମାନେ ଆଗରୁ ଭାବିଛନ୍ତି।

ସକାଳୁ ସକାଳୁ ବାପିନର ପାଟି ଶୁଭିଲା, ‘‘ଆରେ ଚଗଲା, ଏତେ ବେଳଯାଏ କ’ଣ କରୁଛୁ? ଚାଲ୍ ଯିବା। ଆଜି ବହୁତ କାମ ଅଛି। ଆମ ଗାଁ ମନ୍ଦିର ପଛପଟେ ଅନେକ ଅଳିଆ ଜମାହୋଇଛି। ପଚାଶଢ଼ା ଜିନିଷରୁ ଖରାପ ଗନ୍ଧ ବି ଆସୁଛି। ପୋଖରୀ ହୁଡ଼ାରେ ବି ଅଳିଆ ପଡ଼ିଛି। ଆଜି ସେଗୁଡ଼ାକ ସଫା କରିଦେବା।’’ ‘‘ହଁ, ଯେ! ହେଲେ ଆମେ ଦୁଇଜଣ କ’ଣ ଏତେଗୁଡ଼ାଏ କାମ କରିପାରିବା?’’ ବାପିନ କହିଲା। ‘‘ହଁ, ତୁ ଠିକ୍ କହିଲୁ। ମୁଁ ସେଥିପାଇଁ ଆରସାହିର ମଧୁ ଓ ଗୋପାଳକୁ କହିଛି। ସେ ଆମକୁ ସାହାଯ୍ୟ କରିବେ। ଆଉ ଡେରି କରିବାନି। ଚାଲ୍ ଯିବା’’–ଚଗଲା ଉତ୍ତର ଦେଲା।

କୋଦାଳ ଓ ଝୁଡ଼ି ଦି’ଟା ଧରି ଦୁଇ ସାଙ୍ଗ ସଅଳ ସଅଳ ବାହାରି ପଡ଼ିଲେ। ମନ୍ଦିର ପଛରେ ପଡ଼ିଥିବା ଅଳିଆ ସବୁକୁ ଏକାଠି କଲେ। କିଛି ପୋଡ଼ିଲେ ଆଉ କିଛି ପୋତିଦେଲେ। ପୋଖରୀ ହୁଡ଼ାରେ ପଡ଼ିଥିବା ଅଳିଆକୁ ଭଲଭାବେ ସଫା କରିଦେଲେ। ସେତେବେଳକୁ ପାଖାପାଖି ଦିନ ଦୁଇଟା ହେବ। ଏପର୍ଯ୍ୟନ୍ତ ଗାଧୋଇ ନାହାନ୍ତି କି ଖାଇନାହାନ୍ତି।

ସେଇ ବାଟ ଦେଇ ମଦନ ଜେଜେ ଯାଉଥିଲେ। ପିଲାମାନଙ୍କ କାମ ଦେଖି ଟିକେ ଅଟକିଗଲେ। ‘‘ତମେମାନେ ଆଜି ନୂଆବର୍ଷରେ ଭୋଜିଭାତ ନ କରି ଏଠି କ’ଣ କରୁଛ? ତମର ଅନ୍ୟ ସାଙ୍ଗମାନେ ତ କାହିଁ କୋଉଠି ଦେଖାଯାଉନାହାନ୍ତି।’’–ଜେଜେ ଡାକ ପକାଇଲେ। ନାଇଁ ଜେଜେ! ଏଠି ବହୁତ ଅଳିଆ ପଡ଼ିଥିଲା। ଆଜି ତ ଏମିତି ଆମର ସ୍କୁଲ ଛୁଟି। ଆମେ ଭାବିଲୁ ଆଜି ସଫା କରିଦେବୁ। ପରିବେଶ ସଫା ନ ରହିଲେ ଆମ ଦେହପା’ ଖରାପ ହେବ ଯେ! ରୋଗ ବଇରାଗ ମାଡ଼ିବସିବ। –ବାପିନ କହିଲା।

‘‘ଆମ ପରିବେଶକୁ ଆମେ ରକ୍ଷା କରିବା। ଜେଜେ, ଆସ ଆଜି ଆମେ ନୂଆବର୍ଷରେ ସମସ୍ତେ ଶପଥ କରିବା। ଆଉ ଅଳିଆ ଏଣେତେଣେ ଫିଙ୍ଗିବା ନାହିଁ। ସେଗୁଡିକୁ ପୋତିବା କିମ୍ବା ପୋଡ଼ିଦେବା। ପରିବେଶ ବଞ୍ଚିଲେ ଆମେ ସିନା ବଞ୍ଚିବା!’’ ବାପିନ ଓ ଚଗଲା ଏକ ସ୍ୱରରେ କହିଉଠିଲେ।

ମଦନ ଜେଜେ ବି ପିଲାଙ୍କ ସ୍ୱରରେ ସ୍ୱର ମିଳାଇଲେ। କହିଲେ, ‘‘ତମେ ଦୁଇଜଣ ଆମ ଗାଁର ହୀରା। ସାବାସ, ତମ ବୁଦ୍ଧିକୁ ସାବାସ।’’ ଜେଜେଙ୍କ ମନ ଖୁସିରେ ନାଚି ଉଠୁଥିଲା।

**–ଶରତ କୁମାର ଦାସ**
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର
ମୋ:୮୨୪୯୧୩୭୦୯୧

# ଖିଲି ଖିଲି ହସ

**(ଶିକ୍ଷକ ଓ ଛାତ୍ର ମଧ୍ୟରେ କଥାବାର୍ତ୍ତା...)**

ଶିକ୍ଷକ: ଆଚ୍ଛା, ପିଲାମାନେ! ତୁମକୁ ସବୁ ଡ୍ରଇଁ କରିବାକୁ ଭଲ ଲାଗେ ତ?

ରାଜୁ: ହଁ, ସାର୍। ଆମ ସମସ୍ତଙ୍କୁ ବହୁତ ଭଲ ଲାଗେ ଡ୍ରଇଁ କରିବାକୁ। ଆପଣ ଯାହା ବି ଚିତ୍ର ଦେବେ ଆମେ କରିଦେବୁ।

ଶିକ୍ଷକ: ହଉ, ଠିକ୍ ଅଛି। କାଲିକୁ ଗାଈ ଘାସ ଖାଉଥିବାର ଗୋଟେ ଚିତ୍ର କରି ଆଣିବ ସବୁ।

ଶିକ୍ଷକ: ତା’ପର ଦିନ ସମସ୍ତଙ୍କ ଚିତ୍ର ଦେଖି ସାରିବା ପରେ, ରାଜୁକୁ କହିଲେ, ଆରେ ଇଏ କ’ଣ? ତୋର ଖାଲି ଗାଈ ଅଛି, ଘାସ କାଇଁ?

ରାଜୁ: ସାର୍! କଥା କ’ଣ କି, ଗାଈ ଘାସ ଖାଉ ଖାଉ ସବୁ ଖାଇଦେଲା ତ...। ସେଥିପାଇଁ ଖାଲି ଗାଈ ଚିତ୍ର ହିଁ କରିଦେଲି।

**(ଶିକ୍ଷୟିତ୍ରୀ ପିଲାମାନଙ୍କୁ କହିବା ଅବସରରେ...)**

ଶିକ୍ଷୟିତ୍ରୀ: ପିଲାମାନେ, ତୁମର ଆସନ୍ତା ରବିବାର ନେପ୍‌ଚୁନ୍ ଆଉ ପ୍ଲୁଟୋ ଉପରେ ୱାର୍କଶପ୍ ହେବ। ସମସ୍ତେ ଯୋଗଦେବ।

ସାନ୍ତା(କିଛି ସମୟ ଭାବିବା ପରେ): ମାମ୍! ଆମେ ତ ଏଯାଏଁ ପୃଥିବୀ ବାହାରକୁ ଯାଇନୁ, ମଙ୍ଗଳରେ ପହଞ୍ଚିନୁ କି ତାକୁ ଦେଖିନୁ ବି। ଆଉ ପ୍ଲୁଟୋ ଓ ନେପ୍‌ଚୁନ୍‌କୁ ଯିବା କଥା ଭାବିବୁ ବା କେମିତି?

**(ଶିକ୍ଷକ ପିଲାମାନଙ୍କୁ ପ୍ରଶ୍ନ ପଚାରିବା ସମୟରେ...)**

**ଶିକ୍ଷକ:** ଆଚ୍ଛା, ପିଲାମାନେ! ଜଣେ ବିଶିଷ୍ଟ ବୈଜ୍ଞାନିକଙ୍କ ନାଁ କହିଲ?

**ରାମୁ**(କିଛି ସମୟ ପରେ ହାତ ଟେକି)**:** ସାର୍! ଆଳିଆ ଭଟ୍ଟ।

**ଶିକ୍ଷକ**(ରାଗିଯାଇ)**:** ମୂର୍ଖ! ତତେ ଏଇଟା ଆସୁନି। ବାହାରି ଯା’ କ୍ଲାସ୍‌ରୁ।

**ରାମୁ:** ନାଁ ସାର୍...ମୋତେ ସିପୁ କହିଲା କହିବା ପାଇଁ।

**ସିପୁ**(ରାମୁର ସାଙ୍ଗ)**:** ସାର୍! ମୁଁ ତାକୁ ଆର୍ଯ୍ୟଭଟ୍ଟ କହୁଥିଲି। ହେଲେ, ମୋ କଥା ତାକୁ ଠିକ୍ ଭାବେ ଶୁଭିଲାନି ତ...। ସେଥିପାଇଁ ସେ ଆର୍ଯ୍ୟଭଟ୍ଟକୁ ଆଳିଆ ଭଟ୍ଟ କହିଦେଲା।

# ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ଟି ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

# ମତାମତ

- ବଡ଼ଦିନକୁ ନେଇ ଏଥରର ‘ତୁମ ତୂଳୀରୁ’ ସ୍ତମ୍ଭରେ ପିଲାଙ୍କ ଦ୍ୱାରା ଅଙ୍କିତ ସମସ୍ତ ଚିତ୍ର ବହୁତ ଭଲ ଲାଗିଲା।
  **–ବନ୍ଦିତା ପରିଡ଼ା, ସାକ୍ଷୀଗୋପାଳ, ପୁରୀ**
- ‘କବିତା’ ସ୍ତମ୍ଭରେ ପ୍ରକାଶ ପାଇଥିବା ‘ବଡ଼ଦିନ’ କବିତାଟି ଛୋଟ ଥିଲା ଓ ପଢ଼ିବାକୁ ଭଲ ଲାଗିଲା। ସ୍ଥାନିତ ହୋଇଥିବା ଚିତ୍ରଗୁଡ଼ିକ ମଧ୍ୟ ଆକର୍ଷଣୀୟ ହୋଇଥିଲା।
  **–ରାଜେଶ କୁମାର ପ୍ରହରାଜ, ମାଥିଲି, ମାଲକାନଗିରି**
- ଏଥରର ‘କଳିକା’ ପୃଷ୍ଠାରେ ବାହାରିଥିବା ଶିଶୁ ପ୍ରତିଭାଗୁଡ଼ିକ ନୂଆ ଲାଗିଲା। ଏହା ପିଲାଙ୍କୁ ପ୍ରେରଣା ଯୋଗାଇବ ଆଗକୁ ବଢ଼ିବା ପାଇଁ।
  **–ପ୍ରେରଣା ପ୍ରିୟଦର୍ଶିନୀ, ବରପାଲୀ, ବରଗଡ଼**
- ଏଥର ‘ଖିଲି ଖିଲି ହସ’ରେ ସ୍ଥାନିତ ହୋଇଥିବା ହସକଥା ବିଷୟବସ୍ତୁଗୁଡ଼ିକ ପଢ଼ି ଖୁବ୍ ହସ ଲାଗିଲା।
  **–ପିନାକୀ ପାତ୍ର, ଗୁରୁଜଙ୍ଗ, ଖୋର୍ଦ୍ଧା**
- ଏଥରର ଖ୍ରୀଷ୍ଟମାସ୍ ସମ୍ପର୍କିତ ‘କହିଲ ଦେଖି’ର ଉତ୍ତର ଦେବାକୁ ଭଲ ଲାଗିଲା। ‘ରଙ୍ଗ ଦିଅ’ ସ୍ତମ୍ଭଟି ମଧ୍ୟ କରିବାକୁ ମଜା ଲାଗୁଛି।
  **–ସୁରେଶ କୁମାର ସିଂ, ଜୟପୁର, କୋରାପୁଟ**

# ଚଗଲା ଭୀମ୍ବୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

**ଗୋଟିଏ ବର୍ଷ ଶେଷ ହେବା ପରେ କଅଁଳ ସୂର୍ଯ୍ୟର ସୁନେଲି କିରଣରେ ଝଲସୁଛି ନୂଆ ବର୍ଷ। ଏହାର ଆଗମନରେ ଆଶାର କଢ଼ିଗୁଡ଼ିକ ପୁଣି ହୋଇ ଉଠିଛନ୍ତି ଜୀବନ୍ତ। ଆଉ ଅନେକ ଆଶା ଓ ଆକାଂକ୍ଷାକୁ ନେଇ ପ୍ରସ୍ତୁତ ହୋଇଯାଇଛନ୍ତି ନୂଆ ଢଙ୍ଗରେ ସ୍ୱପ୍ନ ବୁଣିବାକୁ ...**



# ନୂଆ ବର୍ଷ ନୂଆ ସଂକଳ୍ପ

ପୁଣି ଏକ ନୂଆ ବର୍ଷକୁ ସ୍ୱାଗତ ଜଣାଇ ବିଦାୟ ନେଇ ସାରିଛି ୨୦୨୧ । ଏହି ପୁରୁଣା ବର୍ଷରେ ଅନେକ ପିଲା ଶୁଭ୍ରତାରା ପରି ଜକଜକ କରିଛନ୍ତି ତ ଆଉ କେତେକଙ୍କ ସ୍ୱପ୍ନ ଯାଇଛି ମଉଳି। ହେଲେ ପୁରୁଣା ବର୍ଷର ଏହି ଭୁଲ୍ ଶିଖାଇଯାଇଛି ଅଣ୍ଟା ନଇଁ ସଳଖିବାକୁ, ଯେଉଁଥିପାଇଁ ନୂଆ ବର୍ଷ ଆରମ୍ଭରେ ପିଲାମାନେ ପାଠପଢ଼ାଠୁ ଆରମ୍ଭକରି ନାଚ, ଗୀତ, କ୍ରୀଡ଼ା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ନିଜ ସ୍ୱପ୍ନ ସାକାର କରିବାକୁ ନେଇଛନ୍ତି ସଂକଳ୍ପ...

## ଫୁଟବଲ୍ ଟୁର୍ନାମେଣ୍ଟରେ ୱିନର ହେବି

ନୂଆବର୍ଷ ପାଇଁ ବହୁତ ଉତ୍ସାହିତ ଅଛି। ପାଠ ପଢା ସହିତ ମୁଁ ୨ବର୍ଷ ହେବ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ନିଜକୁ ପ୍ରସ୍ତୁତ କରୁଛି। ପୂର୍ବରୁ ବହୁ ଥର ଫାଇନାଲରେ ପହଞ୍ଚିବା ପରେ ବି ହାରିଯାଇଥିବାରୁ ମନରେ ଦୁଃଖ ରହିଯାଇଛି। ଏହି ବର୍ଷ ଫେବୃୟାରୀରେ ହେବାକୁ ଥିବା ମ୍ୟାଚ୍ ପାଇଁ କଠିନ ପରିଶ୍ରମ ଜାରି ରଖିଛି। ପରିଶ୍ରମ କରି ଆଶା ରଖିଲେ କିଛି ବି ବ୍ୟର୍ଥ ଯାଏନି। ତେଣୁ ଏଥର ନିଶ୍ଚୟ ୱିନର ହେବି ବୋଲି ଆଶା ରଖିଛି।



**-ରୁଦ୍ରପ୍ରତାପ ସ୍ୱାଇଁ,** କ୍ଲାସ୍-୧୦, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଅରେଇକଣା,ଜଗତ୍‌ସିଂହପୁର

## ଭବିଷ୍ୟତରେ ଡାକ୍ତର ହେବି

ଆଜି ନୂଆ ବର୍ଷରେ କେବଳ ପାଠପଢ଼ା କି ଖେଳରେ ଭଲ ପ୍ରଦର୍ଶନ ଲାଗି ନୁହେଁ ବରଂ ଜୀବନରେ ଜଣେ ଭଲ ମଣିଷ ହେବାକୁ ବି ସଂକଳ୍ପ ନେବି। ତା'ଛଡ଼ା ଏ ବର୍ଷ ମୋର ଦଶମ ଶ୍ରେଣୀ ହୋଇଥିବାରୁ ପଢ଼ା ଉପରେ ଅଧିକ ଗୁରୁତ୍ୱ ଦେବି। ସେଥିପାଇଁ ମନ ଲଗେଇ ପାଠ ପଢ଼ିବି ଏବଂ ଆଶା କରୁଛି ଭଲ ନମ୍ବର ରଖିବି। ଭବିଷତ୍ୟରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବାରୁ ମୋ ସ୍ୱପ୍ନ ପୂରଣ ପାଇଁ ପରିଶ୍ରମ କରିବି।



**-ସରିତା ସାହୁ,** କ୍ଲାସ-୧୦,
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସିଡିଏ, କଟକ

## ପାଠ ସହ ଡ୍ୟାନ୍ସକୁ ଗୁରୁତ୍ୱ ଦେବି

ଡ୍ୟାନ୍ସ ପ୍ରତି ମୋର ବିଶେଷ ରୁଚି ରହିଛି। ଏକ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇବା ମୋର ଲକ୍ଷ୍ୟ। ହେଲେ ଦୁଇ ବର୍ଷ ହେବ କରୋନା ପାଇଁ ନା କୌଣସି ବଡ଼ ଡ୍ୟାନ୍ସ ପ୍ରୋଗ୍ରାମ ଆୟୋଜନ ହେଉଛି ନା ନିଜର ପ୍ରତିଭା ପ୍ରଦର୍ଶନର ସୁଯୋଗ ମିଳୁଛି। ଏମିତିରେ ସବୁ ଆଶା ମଉଳିଯାଉଥିବା ବେଳେ ମୁଁ କିନ୍ତୁ ହାର ମାନି ନ ଥିଲି। ୟୁଟ୍ୟୁବରେ ଏକ ଚ୍ୟାନେଲ ଖୋଲି ମୋ ଡ୍ୟାନ୍ସ ଭିଡିଓ ଅପ୍‌ଲୋଡ୍ କରିବାରେ ଲାଗିଲି। ଧୀରେ ଧୀରେ ଭିଡିଓର ଲାଇକ୍ ଓ ଭିଉଜ୍ ବଢ଼ିବାରେ ଲାଗିଲା। ପାଠପଢ଼ା ସହ ଡ୍ୟାନ୍ସ କ୍ଷେତ୍ରରେ ମଧ୍ୟ ଆଶା ପୂରଣ କରିବା ପାଇଁ ମୁଁ ନୂଆ ବର୍ଷରେ ସଂକଳ୍ପ ନେଇଛି।



**-ବିବେକାନନ୍ଦ ସ୍ୱାଇଁ,** କ୍ଲାସ-୯,
ବୃନ୍ଦାବନ ଚନ୍ଦ୍ର ନୋଡାଲ ବିଦ୍ୟାଳୟ, ରେଢୁଆ, ଜଗତସିଂହପୁର

## ସେଲଫ ଷ୍ଟଡିକୁ ଗୁରୁତ୍ୱ

ଦୁଇ ବର୍ଷ ହେବ କରୋନା ପାଇଁ ପାଠପଢ଼ାରେ ଅବହେଳା ହୋଇଯାଇଛି। ନୂଆବର୍ଷ ଆରମ୍ଭରୁ ପାଠପଢ଼ାରେ ଅଧିକ ସମୟ ଦେବାକୁ ସଂକଳ୍ପ ନେଇଛି। ଯେହେତୁ ଦଶମ ବୋର୍ଡ ପରୀକ୍ଷାର ରେଜଲ୍ଟ ଉପରେ କ୍ୟାରିୟର ନିର୍ଭର କରୁଛି ତେଣୁ ଏହାକୁ ଭଲ କରିବାକୁ ଦିନକୁ ଅତି କମ୍‌ରେ ୬ ରୁ ୮ ଘଣ୍ଟା ପରିଶ୍ରମ କରିବି। ସ୍କୁଲ ଓ ଟ୍ୟୁଶନ ଛଡ଼ା ସେଲ୍‌ଫ ଷ୍ଟଡି ଉପରେ ବେଶି ଗୁରୁତ୍ୱ ଦେବି। ପରୀକ୍ଷା ପାଇଁ ଖେଳକୁଦ ଓ ସାଙ୍ଗମାନଙ୍କ ସହ ବୁଲିବା ସମୟସୀମା କମ୍ କରି ପାଠପଢ଼ାରେ ମନୋନିବେଶ କରିବି।



**-ସୂରଜ ଧର,** କ୍ଲାସ-୧୦,
ସରସ୍ୱତୀ ବିଦ୍ୟାମନ୍ଦିର, ଧନୁପାଲି, ସମ୍ବଲପୁର



## କଠିନ ପରିଶ୍ରମ କରିବି

ସମସ୍ତେ କୁହନ୍ତି, ନୂଆ ବର୍ଷରେ କିଛି ନୂଆ କରିବା ଆବଶ୍ୟକ। ଗଲା ୨ ବର୍ଷ ଧରି ସମ୍ପୂର୍ଣ୍ଣ ନୂଆ ଜୀବନ ଆମେ ବିତାଉଛୁ । ବିଶେଷକରି ଶ୍ରେଣୀଗୃହ ପାଠପଢ଼ାରେ ଗଭୀର ପ୍ରଭାବ ପକାଇଛି କରୋନା। ତେବେ ଏହାରି ଭିତରେ ପାଠପଢ଼ା ଜାରି ରଖିବି। ଯେଉଁ କିଛିଦିନ ଶ୍ରେଣୀଗୃହରେ ପାଠ ପଢ଼ିବାର ସୁଯୋଗ ମିଳିବ ତାହାର ଭରପୂର ଫାଇଦା ଉଠାଇବା ପାଇଁ ଚେଷ୍ଟା କରିବି। ସର୍ବୋପରି ମୋ ଉପରେ ଥିବା ବିଶ୍ୱାସ ପୂରଣ ଲାଗି ନୂଆ ବର୍ଷରେ କଠିନ ପରିଶ୍ରମ ଜାରି ରଖିବି ।



**-ଦୀପଶିଖା ଆଚାର୍ଯ୍ୟ,**କ୍ଲାସ-୯, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ସାକ୍ଷୀଗୋପାଳ, ପୁରୀ

**ଉପସ୍ଥାପନା : ସୁଚରିତା ପାତ୍ର**



୧



୨




୩




୪



୫




୬



୭



୮



୯



୧୦



୧
ଅଭିସୁମତ୍ ସାମଲ
କ୍ଲାସ- ୧, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ, ଭୁବନେଶ୍ୱର



୨
ପ୍ରାଚୀ ପ୍ରଜ୍ଞା ରଥ
କ୍ଲାସ- ୧୦, ସରସ୍ୱତୀ ଶିଶୁ ମନ୍ଦିର, ଯାଜପୁର ଟାଉନ୍, ଯାଜପୁର



୩
ଆଦ୍ୟା ମହାପାତ୍ର
କ୍ଲାସ-୪, ପ୍ରଭୁଜୀ ଇଂଲିଶ୍ ମିଡିୟମ ସ୍କୁଲ, ଭୁବନେଶ୍ୱର



୪
ଗାୟତ୍ରୀ ସାହୁ
କ୍ଲାସ-୪, ଶ୍ରୀ ଜୟଦେବ ଇଣ୍ଟରନ୍ୟାସନାଲ ସ୍କୁଲ,ଭୁବନେଶ୍ୱର



୫
ସୃଷ୍ଟି ପ୍ରିୟଦର୍ଶିନୀ ପାତ୍ର
କ୍ଲାସ-୫, ସେଣ୍ଟ ଜାଭିଅର ହାଇସ୍କୁଲ, ପୁରୀ



୬
ଆଶୁତୋଷ ମହାପାତ୍ର
କ୍ଲାସ-୮, କମଳାକାନ୍ତ ବିଦ୍ୟାପୀଠ, ଜୋବ୍ରା,କଟକ



୭
ହେମଲତା ନାଗ
କ୍ଲାସ- ୮, ସରକାରୀ ଉ.ପ୍ରା. ବିଦ୍ୟାଳୟ, ଶୁକ୍ଲିମୁଣ୍ଡି, ନୂଆପଡା



୮
ପ୍ରକାଶ ଚଲନ
କ୍ଲାସ- ୧, ନୂଆପାଟଣା ପ୍ରାଥମିକ ବିଦ୍ୟାଳୟ, ଖଲିଆପାଲି, ବରଗଡ



୯
ଜିଜ୍ଞାସା ପ୍ରିୟଦର୍ଶିନୀ ସାହୁ
କ୍ଲାସ- ୧୦, ସେଣ୍ଟ ଜାଭିଅର ହାଇସ୍କୁଲ, ପୁରୀ



୧୦
ସାଇନା ସୋନାଲିକା ପାତ୍ର
କ୍ଲାସ- ୪, ଡିଏଭି ପବ୍ଲିକ ସ୍କୁଲ, ପୁରୀ



କବିତା

## ନୂଆବରଷ

ଆଶାର ଆଲୋକ ଉଦ୍ଦୀପନା ନେଇ
ଆସିଅଛି ନବବରଷ,
ନୂଆ ସମ୍ଭାବନା ନୂଆ ଆଶ୍ୱାସନା
ଭରିଅଛି ମନେ ହରଷ।
ନବବରଷର ପ୍ରଥମ ଦିନରେ
ସଭିଏଁ ଶପଥ ନେବା,
ଆଜି କାର୍ଯ୍ୟ ଆଜି ସାରିଦେବା
କାଲି ପାଇଁ ନ ରଖିବା।
ଏ ନବବରଷେ ଏତିକି କାମନା
ସଭିଙ୍କ ମନରେ ଥାଉ
ଏସନ ବରଷ ସମସ୍ତଙ୍କ ପାଇଁ
ହସଖୁସି ଆଣି ଦେଉ।
ଆସିଛି ନୂଆବରଷଟି
ଦୁଃଖ, ସୁଖ ସବୁ ନେଇ
ସୁଖ ଓ ଶାନ୍ତିରେ ରହିବା ସଭିଏଁ
ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ପାଇ।

**–ସାଇପ୍ରସାଦ ସାହୁ**
ସିନ୍ଧେକେଲା, ବଲାଙ୍ଗୀର

## ଅଭିନନ୍ଦନ

ନୂତନ ବର୍ଷର ଅଭିନନ୍ଦନ ଯେ
ଘେନ ସାରା ବିଶ୍ୱବାସୀ
ପୁରୁଣା ବରଷ ବିଦାୟ ନେଇଛି
ନୂଆ ବରଷଟି ଆସି।
ପୁରୁଣା ବର୍ଷକୁ ବିଦାୟ ଦେଇ କି
ନୂତନ ସ୍ୱାଗତ କରି
ନୂତନ ଶପଥ କରିବା ଏ ଦିନ
ମନରେ ସଂକଳ୍ପ ଧରି
ହୋଇ ଖୁସିବାସି ସଦା ହସିହସି
ମଧୁର ବଚନେ ଭାଷି।
ନୂଆ ସମ୍ଭାବନା, ଆଶା,
ଉଦ୍ଦୀପନା ନେଇ
ନୂଆ ବରଷଟି ଆସିଛି ଧରାକୁ
ଉନ୍ମାଦନା ଭରି ଦେଇ।

**–ନିରଞ୍ଜନ ସାହୁ**
ନିହଲ ପ୍ରସାଦ, ଗଁଦିଆ
ପାଟଣା, ଢେଙ୍କାନାଳ

## ଆସିଛି ମୁଁ ନୂଆ ବର୍ଷ

ସମୟର ରଥେ ବାରମାସୀ ପଥେ
ଆସିଛି ମୁଁ ନୂଆ ବର୍ଷ,
ପୁରୁଣା ଯାଇଛି ଦୁଃଖ ବି ସରିଛି
ଫେରାଇବି ମୁହେଁ ହର୍ଷ।
ଦୃଢ଼ କରି ମନ ହୁଅ ଭଲ ଜନ
ହସି ଦିନ କାଟି ଦିଅ,
ମନ ଦେଇ ପଢ଼ ନୂଆ କିଛି ଗଢ଼
ଶପଥ ଆଜିଠୁ ନିଅ।
ମନେ ଆଶା ସଞ୍ଚି ନୂଆ କର କିଛି
ନୂଆ ପଥେ ଦେଶ ନିଅ,
କବି, କଳାକାର ହୁଅ ଚିତ୍ରକର
ଦେଶ ସେବକଟେ ହୁଅ।
ତ୍ୟାଗକରି ଈର୍ଷା, ସ୍ୱାର୍ଥ, ଲୋଭ, ହିଂସା
ହସି ହସାଇବା ଆସ,
ନୂତନ ବରଷେ କାଟିବା ହରଷେ
ଦୁଃଖ ହୋଇଯାଉ ନାଶ।

**–ଲକ୍ଷ୍ମୀଧର ନାୟକ**
ବାଉଁଶିଆପଡା, ନୟାଗଡ଼

## ଏଥରର



- ବାୟୁମଣ୍ଡଳର କେତୋଟି ସ୍ତର ଅଛି ?
- ବେଙ୍ଗର ଛୁଆକୁ କ’ଣ କୁହନ୍ତି ?
- ଆଗ୍ରା କେଉଁ ନଦୀ କୂଳରେ ଅବସ୍ଥିତ ?
- କେଉଁ ପକ୍ଷୀ ଉଡ଼ିପାରେ ନାହିଁ ?
- ରେଡିଓ କିଏ ଉଦ୍ଭାବନ କରିଥିଲେ ?

## ଗତଥରର ଉ ତ୍ତ ର

- ବାଲେଶ୍ୱର
- ସାର୍ ଜନ ଅଷ୍ଟିନ୍ ହବାକ୍
- ବୀଣାପାଣି ମହାନ୍ତି
- କଳିଙ୍ଗ
- ସମଜାତୀୟ ଇଲେକ୍ଟ୍ରନ



## କହିଲ ଦେଖି

ଡାଏରି ପୃଷ୍ଠା ବଦଳି ଯାଏ
ବଦଳେ କ୍ୟାଲେଣ୍ଡର
ନୂଆ ଅତିଥି ରୂପରେ ପୁଣି
ଆସଇ ସିଏ ଘର।
ନୂଆ ଭାବନା ଆସଇ ମନେ
ଲାଗଇ ସବୁ ନୂଆ
କିଏ ସେ କହିବ ନାମଟି ତା’ର
ଅଟଇ ସତେ କିଆଁ।
ଉ– **ନବବର୍ଷ**




ମାସ ବଦଳେ ଦିନ
ବଦଳେ
ବଦଳେ ପୁଣି ବର୍ଷ
ନୂଆ ରୂପରେ ଆସି ପହଞ୍ଚେ
ସିଏ ଆମରି ପାଶ।
ଉ– **ଜାନୁୟାରୀ ପହିଲା**




କାଣକୁ ସିଏ ପଛକୁ ଠେଲି
ନିଜେ ଆସିଲା ଧାଇଁ
ପଛରେ ଯିଏ ହୋଇଲା ଠିଆ
ରହିଲା ସ୍ମୃତି ହୋଇ
ସମସ୍ତେ ମିଶି ସ୍ୱାଗତ କଲେ
ଶୁଭେଚ୍ଛା ବାର୍ତ୍ତା ଦେଇ
କିଏ ସେ ସେହି ନୂଆ ଅତିଥି
ପାରିବ କିଏ କହି।
ଉ– **ନୂଆବର୍ଷ (୨୦୨୨)**



**–ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର, ଯାଜପୁର
ମୋ: ୮୮୯୨୩୦୧୧୪୩

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ଗରମ ବାୟୁରେ ଚାଲି ରେକର୍ଡ

ପିଲାମାନେ ତୁମେ କେବେ ୨ଟି ବେଲୁନ୍ ମଧ୍ୟରେ ବିମ୍ କରି ଚାଲିବାର କାହାକୁ ଦେଖିଛ ? ବ୍ରିଟେନ୍‌ର ମାଇକ୍ ହାୱାର୍ଡ ୨ଟି ବେଲୁନ୍ ମଧ୍ୟରେ ଚାଲି ରେକର୍ଡ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି, ଏହି ୨ଟି ବେଲୁନ୍ ମଧ୍ୟରେ ଗରମ ବାୟୁ ଭର୍ତ୍ତି ହୋଇଥିଲା। ବ୍ରିଟେନ୍‌ର ସମରସେଟର ୟୋଭିଲ ନିକଟରେ ୬୫,୨୨୨ମିଟର ବା ୨୧,୪୦୦ଫୁଟ୍ ଉଚ୍ଚରେ ୨ଟି ବେଲୁନ୍ ମଧ୍ୟରେ ଏକ ବିମ୍ କରି ଏହା ଉପରେ ଚାଲିଥିଲେ। ଖାଲି ସେତିକି ନୁହେଁ, ସେ ଆଖି ବନ୍ଦ କରି ଏହି ବିମ୍‌କୁ ଅତିକ୍ରମ କରିଥିଲେ। ଏହି ସଫଳତା ପାଇବା ପାଇଁ ୨୦୦୪ରୁ ସେ ତାଙ୍କ ଚେଷ୍ଟା ଜାରି ରଖିଥିଲେ। ଗରମ ବାୟୁ ଥିବା ବେଲୁନ୍ ମଧ୍ୟରେ ଚାଲି ମାଇକ୍ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି।




## ଶିଶୁ ପ୍ରତିଭା

# ସଫଳ ଓଡ଼ିଶୀ ନୃତ୍ୟଶିଳ୍ପୀ ହେବାକୁ ଲକ୍ଷ୍ୟ



ସ୍ୱୀକୃତି

ପିଲାଟି ବେଳୁ ଗୀତ ଶୁଣିବା ମାତ୍ରେ ଆପେ ଆପେ ଝୁମି ଉଠୁଥିଲା ତାଙ୍କ ପାଦ। ନୃତ୍ୟ ପ୍ରତି ତାଙ୍କର ଆଗ୍ରହ ଦେଖି ମାଆବାପା ବି ନୃତ୍ୟ ଶିକ୍ଷା ଯୋଗାଇ ଦେବାକୁ ଆଗେଇ ଆସିଲେ। ଆଉ ପୁରୀସ୍ଥିତ ନବ- ପ୍ରତିଭା ଅନୁଷ୍ଠାନରେ ନାମ ଲେଖାଇଲେ। ସେବେଠୁ ପୁରୀରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର ନୃତ୍ୟର ଯାଦୁ ଦେଖାଇ ଦର୍ଶକଙ୍କଠାରୁ ସାଉଁଟିଛନ୍ତି ଅନେକ ପ୍ରଶଂସା। ସେ ହେଉଛନ୍ତି ପୁରୀ ନବକଳେବର ରୋଡ୍‌ରେ ରହୁଥିବା ମାଆ ସସ୍ମିତା ଏବଂ ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କ ଝିଅ ସ୍ୱୀକୃତି। ସେ ବର୍ତ୍ତମାନ ମାଳତିପାଟପୁରସ୍ଥିତ ପ୍ରଭୁଶ୍ରୀ ଇଂଲିଶ୍ ମିଡିଅମ୍ ସ୍କୁଲର କ୍ଲାସ–୮ର ଛାତ୍ରୀ। ଖୁବ୍ କମ୍ ବୟସରୁ ସେ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ପ୍ରଥମେ ଗୁରୁ ଅଶୋକ କୁମାର ଦାସ ଓ ପରେ ଗୁରୁ ରୋଜାଲିନ୍ ପଣ୍ଡାଙ୍କଠାରୁ ନୃତ୍ୟ ଶିକ୍ଷା କଲେ। ଏହା ପରେ ସ୍କୁଲ୍ ସମେତ ବିଭିନ୍ନ ଜିଲ୍ଲା ଓ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ରାଜ୍ୟସ୍ତରୀୟ ଓଡ଼ିଶୀ ସଂଗୀତ ମହୋତ୍ସବ, ଇଟିକିଲି ମିଟିକିଲି, ଶିଶୁ ମହୋତ୍ସବ, ଶ୍ରୀକ୍ଷେତ୍ର ମହୋତ୍ସବ, କୋଣାର୍କ ମହୋତ୍ସବ, ଯୁବ ମହୋତ୍ସବ, ପୁରୀ କୁମାର ଉତ୍ସବ, ବଡ଼ଦାଣ୍ଡ ମହୋତ୍ସବ ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିପାରିଛନ୍ତି। ବର୍ତ୍ତମାନ ସୁଦ୍ଧା ତାଙ୍କୁ ମିଳିଛି ପ୍ରତିଭା ସମ୍ମାନ, କଳିଙ୍ଗ ଗୌରବ ସମ୍ମାନ, ଶ୍ରୀକ୍ଷେତ୍ର ନୃତ୍ୟଶିଳ୍ପୀ ସମ୍ମାନ ଭଳି ଅନେକ ପୁରସ୍କାର। ତାଙ୍କୁ ଜଣେ ସଫଳ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ଦେଖିବାକୁ ବାପାଙ୍କର ଥିବା ଇଚ୍ଛାକୁ ତାକୁ ସାକାର କରିବାକୁ ଉଦ୍ୟମ ଚଳାଇଥିବା ପ୍ରକାଶ କରନ୍ତି। ନୃତ୍ୟ ବ୍ୟତୀତ ସଂଗୀତ ଏବଂ ଚିତ୍ରାଙ୍କନରେ ବି ସେ ବେଶ୍ ପାରଙ୍ଗମ। ଫାଙ୍କା ସମୟରେ ସେ ଗଛ ଲଗାଇବାରେ ବେଶ୍ ରୁଚି ରଖନ୍ତି। ଭବିଷ୍ୟତରେ ସେ ଜଣେ ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଛନ୍ତି।

**– ପ୍ରଭାତ ପାଣିଗ୍ରାହୀ**

# ଜାଣ ଅଜଣା



## ଦୀର୍ଘତମ ରେଲୱେ ଲାଇନ୍

**ର**ଷିଆର ଟ୍ରାନ୍ସ-ସାଇବେରିଆନ ରେଲୱେ ଲାଇନ୍ ହେଉଛି ବିଶ୍ୱର ସବୁଠୁ ଦୀର୍ଘତମ ରେଲୱେ ଲାଇନ। ଏହାର ଲମ୍ବ ୯,୨୮୯ କିଲୋମିଟର। ରୁଷିଆର ରାଜଧାନୀ ମସ୍କୋଠାରୁ ଆରମ୍ଭ ହୋଇଥିବା ବିଶ୍ୱର ଏହି ଦୀର୍ଘତମ ରେଲୱେ ଲାଇନ୍ ପ୍ରଶାନ୍ତ ମହାସାଗର ମଧ ଦେଇ ଭ୍ଲାଡିଷ୍ଟୋକ ପର୍ଯ୍ୟନ୍ତ ଲମ୍ବିଛି। ୧୮୯୧ରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଶେଷ ହେବାକୁ ଲାଗିଥିଲା ପ୍ରାୟ ସାଢ଼େ ୮ବର୍ଷ।



## ୧୮-୨୨ ଘଣ୍ଟା ଶୋଉଥିବା ପ୍ରାଣୀ

**କୋ**ଆଲା ଏଭଳି ଏକ ପ୍ରାଣୀ, ଯିଏକି ଦିନକୁ ୧୮ରୁ ୨୨ ଘଣ୍ଟା କେବଳ ଶୋଇବାରେ ବିତାଇଥାଏ। କାରଣ ସେମାନେ ପ୍ରାୟତଃ କାଦୁଅ ଖାଆନ୍ତି ଆଉ ଯାହାକୁ ହଜମ କରିବାକୁ ଅଧିକ ଶକ୍ତି ଆବଶ୍ୟକ ହୋଇଥାଏ। କାଦୁଅରୁ ସେମାନେ ଅଧିକ ଭିଟାମିନ୍ ପାଇଥାନ୍ତି ଏବଂ ଶୋଇବା ଫଳରେ ସେମାନଙ୍କର ଖାଦ୍ୟ ହଜମ ପ୍ରକ୍ରିୟା ଠିକ୍‌ଭାବେ ହୋଇ ଥାଏ।

## ଚିଙ୍ଗୁଡ଼ିର ହୃତ୍‌ପିଣ୍ଡ

**ପ୍ର**ତ୍ୟେକ ସଜୀବ ବସ୍ତୁର ହୃତ୍‌ପିଣ୍ଡ (ହାର୍ଟ) ରହିଛି। ମନୁଷ୍ୟର ଏହି ଅଙ୍ଗ ଛାତିରେ ରହିଥାଏ। ତେବେ ଚିଙ୍ଗୁଡ଼ିର ହାର୍ଟ କେଉଁଠି ଅଛି ଜାଣିଛ ? ଏହାର ହାର୍ଟ ତା' ମୁଣ୍ଡରେ ରହିଛି। ସେମାନଙ୍କର ହାର୍ଟରେ କେବଳ ଧମନୀ ରହିଥିବା ବେଳେ ଶିରା -ପ୍ରଶିରା ନ ଥାଏ।





## ଜିରାଫ କାହିଁକି ଶୀଘ୍ର ଖାଦ୍ୟ ହଜମ କରିପାରେ

**ଖା**ଦ୍ୟ ହଜମ କରିବା ପାଇଁ ମଣିଷମାନଙ୍କର ଯେମିତି ପାକସ୍ଥଳୀ ଅଛି, ପ୍ରାଣୀଙ୍କର ବି ସେମିତି ପାକସ୍ଥଳୀ ରହିଛି। ହେଲେ ଜାଣିଛ, ଜିରାଫର କେତୋଟି ପାକସ୍ଥଳୀ ଅଛି ? ଏହି ବୃହତ୍ ଜୀବର ଚାରୋଟି ପାକସ୍ଥଳୀ ରହିଛି, ଯେଉଁଥିପାଇଁ ସେ ଖାଇଥିବା ଖାଦ୍ୟକୁ ସହଜରେ ଏବଂ ଶୀଘ୍ର ହଜମ କରିପାରେ। ସାଧାରଣତଃ ଏହି ପ୍ରାଣୀ ତୃଣଜାତୀୟ ଖାଦ୍ୟ ଖାଇଥାଏ।



## ସବୁଠୁ ଭୟଙ୍କର ପକ୍ଷୀ

**ପି**ଲାଏ, ପକ୍ଷୀ ଦେଖିବାକୁ ତୁମେମାନେ ନିଶ୍ଚୟ ଆଗ୍ରହ ପ୍ରକାଶ କରୁଥିବ, ନୁହେଁ ? କିନ୍ତୁ ଜାଣିଛ, ଏପରି ଏକ ପକ୍ଷୀ ଅଛି ଯାହାକୁ ଭୟଙ୍କର ପକ୍ଷୀ ପରିସରଭୁକ୍ତ କରାଯାଇଛି। ସେଭଳି ଏକ ପକ୍ଷୀ ହେଉଛି କାସୋୱାରି। ପୃଥିବୀର ସବୁଠୁ ଭୟଙ୍କର ପକ୍ଷୀ ଭାବରେ ନାମିତ ଏହି ପକ୍ଷୀର ନଖ ଖୁବ୍ ମୁନିଆ। ଏମାନେ ଏକାଥରେ ଶତ୍ରୁକୁ ଆକ୍ରମଣ କରି ମାରି ଦେବାକୁ ଚେଷ୍ଟା କରନ୍ତି। ଇଣ୍ଡୋନେସିଆ ଓ ଅଷ୍ଟ୍ରେଲିଆର କେତେକ ଅଞ୍ଚଳରେ ଏପରି ପକ୍ଷୀଙ୍କୁ ଦେଖିବାକୁ ମିଳିଥାଏ।

# ଆ ଇ ନା



ଗୁଗୁଲ
୮ବର୍ଷ



ସୌରଭ
୧୦ ବର୍ଷ



ଜୟଶେଖର
୫ବର୍ଷ